
ମାଲକାନଗିରିରେ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସହର ପରିକ୍ରମା କରୁଛନ୍ତି ।


କାଲିମେଳାରେ ବିଭିନ୍ନ ସ୍ଥାନ ପରିକ୍ରମାରେ ବାହାରିଥିବା ଛାତ୍ରୀଛାତ୍ରମାନେ ।


ଚିତ୍ରକୋଣ୍ଡାରେ ରାଧାକୃଷ୍ଣ ବେଶରେ ସଜେଇ ହୋଇ ବସିଥିବା ଛାତ୍ରୀଛାତ୍ରମାନେ ।

# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପାଳିତ

**ଚିତ୍ରକୋଣ୍ଡା/ଗୋବିନ୍ଦପାଲ୍ଲୀ/କାଲିମେଳା, ୨୩।୮ (ଡି.ଏନ୍.ଏ.)**

ଶୁକ୍ରବାର ସବୁଠି ପାଳିତ ହୋଇଛି ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ। ଜନ୍ମାଷ୍ଟମୀ ରୂପେ ପରିଚିତ ଏହି ଉତ୍ସବ ମାଲକାନଗିରି ଜିଲାରେ ମଧ ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ଚିତ୍ରକୋଣ୍ଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରେ ଜନ୍ମାଷ୍ଟମୀ ପାଳିତ ହୋଇ ଯାଇଛି। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ବାନାମ୍ବର ପ୍ରଧାନ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ବିଦ୍ୟାଳୟ କୁ ଆସିଥିଲେ। ପରେ ଗୁରୁଜୀ ଗୁରୁମାଙ୍କ ସହ ରାଧାକୃଷ୍ଣ ବେଶରେ ସଜ୍ଜିତ ଛାତ୍ରୀଛାତ୍ରମାନେ ସହରର ବିଭିନ୍ନ କଲୋନୀ ପରିକ୍ରମା କରି ବିଦ୍ୟାଳୟକୁ ଫେରିଥିଲେ। ସେହିପରି ଚିତ୍ରକୋଣ୍ଡାସ୍ଥିତ ନୀଳକଣ୍ଠ ମନ୍ଦିର, ଆଖଣ୍ଡଳମଣି ମନ୍ଦିର, ବାଲାଜୀ ମନ୍ଦିର, ହନୁମାନ ମନ୍ଦିର, ଅନୁକୂଳଚନ୍ଦ୍ର ଆଶ୍ରମ, ଦିବ୍ୟଜୀବନ ସଂଘ, ନିଗମାନନ୍ଦ ଆଶ୍ରମରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି।

ଗୋବିନ୍ଦପାଲ୍ଲିସ୍ଥିତ ଜଗନ୍ନାଥଙ୍କ ମନ୍ଦିରରେ ସକାଳୁ ପୂଜାର୍ଚ୍ଚନା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ସେହିଭଳି ଶିଶୁମନ୍ଦିରଗୁଡ଼ିକରେ ଜନ୍ମାଷ୍ଟମୀ ପାଳନ କରାଯାଇଥିଲା। କୁନି କୁନି ପିଲାମାନେ କୃଷ୍ଣ ଓ ରାଧାବେଶ ହୋଇ ବିଦ୍ୟାଳୟକୁ ଆସିଥିଲେ। ନାଚ ଗୀତ ସହ କୁଇଜ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କିମ୍ବଦନ୍ତୀ ଅନୁସାରେ ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀରେ ବିଷ୍ଣୁଙ୍କ ଅଷ୍ଟମ ଅବତାର ଭାବେ କୃଷ୍ଣ ଦେବକୀଙ୍କ କୋଳରେ ମଥୁରାରେ ଜନ୍ମଗ୍ରହଣ କରିଥିଲେ। ଏହି ରାତିରେ କୃଷ୍ଣଙ୍କୁ ଧ୍ୟାନ କରିବା ସହ ତାଙ୍କ ନାମ ନେଇ ମନ୍ତ୍ର ଜପକଲେ ସାଂସାରିକ ମୋହମାୟାଜନିତ ଆସକ୍ତି ଦୂରହୁଏ ବୋଲି ବିଶ୍ୱାସ ରହିଛି। ଏହାକୁ ମଧ୍ୟ ମୋହରାତ୍ରି ବୋଲି କୁହାଯାଏ। ଏହି ଅବସରରେ ରାସଲୀଳା ବା କୃଷ୍ଣଲୀଳା ଆୟୋଜିତ ହୋଇଥାଏ। କେତେକ ଅଞ୍ଚଳରେ ଜନ୍ମାଷ୍ଟମୀରେ ଦହିହାଣ୍ଡି ଭଙ୍ଗା ଉତ୍ସବ ପାଳନ କରାଯାଏ।

କାଲିମେଳା ବ୍ଲକର ବିଭିନ୍ନ ଅନୁଷ୍ଠାନରେ ପବିତ୍ର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। କାଲିମେଳା ସଦର ବସଷ୍ଟାଣ୍ଡ ନିକଟରେ ଥିବା ଭାରତୀୟ ବିଦ୍ୟାନିକେତନ ଗୁରୁକୁଳ ବିଦ୍ୟାଳୟରେ ମଧ୍ୟ ଜନ୍ମାଷ୍ଟମୀ ପାଳିତ ହୋଇଥିଲା। ଏଠାରେ କୁନିକୁନି ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ, ବଳରାମ, ସୁଦାମା, ଯୋଶଦା, ବସୁଦେବ ବେଶରେ ସଜ୍ଜିତ ହୋଇ କାଲିମେଳା ବଜାର ପରିକ୍ରମା କରିବା ସହ ସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପ୍ରଧାନ ଗୁରୁମା ପଦ୍ମାଳୟା ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ଶିଶୁ ବିଦ୍ୟାମନ୍ଦିର ସମେତ ଏମଭି-୭୯ ଶିଶୁ ବିଦ୍ୟାମନ୍ଦିର, ପୋଟେରୁ ,ଏମଭି-୭୨ ,ଏମଭି-୮୨,ଏମଭି-୭୪ ଆଦି ସ୍ଥାନରେ ଥିବା ଶିଶୁବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳନ କରାଯାଇଥିଲା।






# ପଞ୍ଚାୟତସ୍ତରୀୟ ସାମାଜିକ ସମୀକ୍ଷା

**ଚିତ୍ରକୋଣ୍ଡା,୨୩।୮(ଡି.ଏନ.ଏ.)**

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ୧୮ଟି ପଞ୍ଚାୟତ ମଧ୍ୟରୁ ୩ଟି ପଞ୍ଚାୟତ ନୂଆଗୁଡା, ଗୁଣ୍ଠାୱାଡା ଓ କପାତୁଟିରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ଗ୍ରାମସଭାରେ ଜିଲା ସାମାଜିକ ସମୀକ୍ଷକ ସୁବ୍ରତ ସାମଲ, ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଧୀରେନ ଖଣ୍ଡାଗିରି, ବ୍ଲକ ସାମାଜିକ ସମୀକ୍ଷକ ବେଲାଳସେନ ଗୁଣ୍ଠାଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ସମୀକ୍ଷକମାନେ ଗ୍ରାମବାସୀଙ୍କୁ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମ ଅଗଷ୍ଟ ୧ରୁ ଆରମ୍ଭ ହୋଇଥିଲେ ମଧ୍ୟ ଲଘୁଚାପଜନିତ ବର୍ଷା ଯୋଗୁ ବାଧା ସୃଷ୍ଟି ହୋଇ ଏଯାଏ ଅନ୍ୟ ପଞ୍ଚାୟତଗୁଡ଼ିକରେ ବୈଠକ ହେବା ନେଇ ବିଳମ୍ବ ହୋଇଛି। ଦୀର୍ଘଦିନ ଧରି ଗ୍ରାମ ରୋଜଗାର ସେବକମାନେ ବିଭିନ୍ନ ସମସ୍ୟା ନେଇ ଆନ୍ଦୋଳନ କରି ଛୁଟିରେ ରହିଥିବାରୁ ୬ ମାସ ହେଲା କୌଣସି ପଞ୍ଚାୟତରେ ବିଶେଷ କିଛି କାର୍ଯ୍ୟ ହୋଇପାରିନାହିଁ। ଅଳ୍ପ କାମ ହୋଇଥିବାରୁ ଜବକାର୍ଡଧାରୀ ଶ୍ରମିକମାନଙ୍କୁ ସେମାନଙ୍କ ପାରିଶ୍ରମିକ ପ୍ରଦାନ କରାଯାଇଛି। ଏହି ଅବସରରେ କେତେକ ପଞ୍ଚାୟତରେ ମୃତ ଲୋକଙ୍କ ନାମରେ ଭତ୍ତା ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଥିଲା। ତେବେ ଏ ସମ୍ପର୍କରେ ବିଡିଓ ଲରିମନ ଖରସେଲ ଜାଣିବା ପରେ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ ଚଳାଇଛନ୍ତି ବୋଲି ସଭାରେ ସମସ୍ତଙ୍କୁ ଅବଗତ କରାଯାଇଥିଲା।


ସାମାଜିକ ସମୀକ୍ଷା ବୈଠକରେ ଉପସ୍ଥିତ ଗ୍ରାମବାସୀ ।

## ଛତୁଆ ପ୍ରସ୍ତୁତି ତାଲିମ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୨୩।୮(ସ୍ୱ.ପ୍ର.)**

ଗଜପତି ଜିଲା ରାୟଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମହେନ୍ଦ୍ରତନୟା ଛତୁଆ ପ୍ରସ୍ତୁତି କେନ୍ଦ୍ରଠାରେ ଏକମାସ ଧରି ଚାଲିଥିବା ଛତୁଆ ପ୍ରସ୍ତୁତି କାର୍ଯ୍ୟକ୍ରମ ଚାଲିଛି । ଆସନ୍ତା ସେପ୍ଟେମ୍ବର ମାସ ପାଇଁ ବ୍ଲକର ଜୟଶ୍ରୀ ରାମ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଛତୁଆ ପ୍ରସ୍ତୁତି କେନ୍ଦ୍ରରୁ ସମସ୍ତ ହିତାଧିକାରୀମାନଙ୍କୁ ଛତୁଆ ଯୋଗାଣ ହେବ । ଛତୁଆର ମାନ ଓ ଗୁଣବତା ସିଡିପିଓଙ୍କ ଦ୍ୱାରା ତଦାରଖ ହୋଇଛି। ଏହା ପ୍ରତି ମାସ ୨୩ରେ ପ୍ରସ୍ତୁତ କରାଯାଇ ଆଗାମୀ ମାସ ପାଇଁ ହିତାଧିକାରୀ ଚିହ୍ନଟ କରାଯିବାକୁ ସ୍ଥିର ହୋଇଛି । ସମସ୍ତ ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି କେନ୍ଦ୍ରରେ ଏହା ପହଞ୍ଚାଇବାକୁ ସ୍ଥିର ହୋଇଛି । ପ୍ରଥମକରି ବ୍ଲକରେ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମକୁ ଜିଲା ସମାଜ କଲ୍ୟାଣ ଅଧିକାରୀ କୁନ୍ତଳା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଚାଲିଥିଲା। ସେହିପରି ମିଶନ ଶକ୍ତିର ଡିପିସି ରଶ୍ମିରଞ୍ଜନ ସେଠୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ବ୍ଲକର ୧୧ଟି ସେକ୍ଟରରେ ଗର୍ଭବତୀ ଥିବା ୫୯୪, ୬୨୬ ପ୍ରସୂତି, ଛମାସରୁ୩ବର୍ଷର ୩୦୯୮ ଜଣ ଶିଶୁ, ୬ମାସରୁ୩ବର୍ଷର ପୁଷ୍ଟିହୀନ ୭୦ ଜଣ ଶିଶୁ ୩ବର୍ଷରୁ୬ବର୍ଷର ୪୭ ଜଣ ପୁଷ୍ଟିହୀନ ଶିଶୁ ଏପରି ମୋଟ ୪ହଜାର ୫୦୫ ଜଣ ହିତାଧିକାରୀଙ୍କ ୨୫ ଦିନର ଖାଦ୍ୟ ପ୍ରସ୍ତୁତି କରାଯାଉଛି।

# ଏଣିକି ପୂର୍ବାହ୍ନ ସାଢେ ୯ରୁ ଅପରାହ୍ନ ସାଢେ ୪ଟା ଯାଏଁ ସ୍କୁଲ

## ସେଲଫି ନେଇ ହ୍ୱାଟସଆପରେ ଡିଇଓଙ୍କୁ ଫଟୋ ପଠାଇବେ ଶିକ୍ଷକ

**କାଶୀନଗର, ୨୩।୮(ଡି.ଏନ.ଏ.)-**

ଗଜପତି ଜିଲା ଶିକ୍ଷାଧିକାରୀଙ୍କ ଚିଠି ସଂଖ୍ୟା ୫୪୩୦/୧୯।୮।୨୦୧୯ ଅନୁଯାୟୀ ଜିଲା ଅଧୀନ ସମସ୍ତ ବିଦ୍ୟାଳୟ ଏଣିକି ପୂର୍ବାହ୍ନ ସାଢେ ୯ଟାରୁ ଆରମ୍ଭ ହେବ। ଅପରାହ୍ନ ସାଢେ ୪ଟାରେ ବିଦ୍ୟାଳୟ ଛୁଟି ହେବ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ପୂର୍ବାହ୍ନ ସାଢେ ୯ଟା ସୁଦ୍ଧା ବିଦ୍ୟାଳୟରେ ପହଞ୍ଚି ଉପସ୍ଥାନ ରେଜିଷ୍ଟ୍ରାରରେ ଦସ୍ତଖତ କରିବେ। ସେମାନେ ଏନେଇ ସେଲଫି ନେଇ ହ୍ୱାଟସଆପ ମାଧ୍ୟମରେ ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ରେଜିଷ୍ଟ୍ରାରର ଫଟୋ କପି ପଠାଇବେ। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ସ୍ଥିରୀକୃତ ୫ଟି ଯଥା ଟିମୱାର୍କ, ଟେକେନୋଲୋଜି, ଟ୍ରାନ୍ସଫରେନ୍ସି, ଟ୍ରାନ୍ସଫରମେଶନ, ଟାଇମ ଲିଡିଂର ସଫଳ ରୂପାୟନ ପାଇଁ ଏଭଳି ପଦକ୍ଷେପ ନିଆଯାଇଛି । ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଦ୍ୟାଳୟରେ ଠିକ୍ ସମୟରେ ଉପସ୍ଥାନକୁ ନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ବାୟୋମେଟ୍ରିକ୍ସ ଲଗାଇବା ଲାଗି ପ୍ରସ୍ତାବ ଯାଇଥିଲା। ତେବେ ଅନେକ ବିଦ୍ୟାଳୟରେ ବିଦ୍ୟୁତ୍ ଓ ନେଟ ସୁବିଧା ନ ଥିବାରୁ ଜିଲାପାଳ ବାୟୋମେଟ୍ରିକ୍ସ ବଦଳରେ ସେଲଫି ପଠାଇବାର ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଏନେଇ କାଶୀନଗର ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେମାନେ କହିଛନ୍ତି ଯେ, ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିକ୍ଷକତାକୁ ଏକ ବୃତ୍ତି ନୁହେଁ, ଏକ ବ୍ରତ ରୂପେ ଗ୍ରହଣ କରି କାର୍ଯ୍ୟ କରନ୍ତି। ନଚେତ୍ ପ୍ରଶାସନ, ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ଗୋଷ୍ଠୀ ପକ୍ଷରୁ ପ୍ରତିଦିନ ପଡୁଥିବା ଚାପରେ ସେମାନେ କାର୍ଯ୍ୟ କରିପାରନ୍ତେ ନାହିଁ । ଚାପ ପ୍ରୟୋଗ କରି ଜଣକ ଭିତରେ କେବେ ବୃତ୍ତିକୁ ବ୍ରତ ରୂପେ ଗ୍ରହଣ କରିବାର ଶ୍ରଦ୍ଧା ସୃଷ୍ଟି କରାଯାଇପାରିବ ନାହିଁ । ବ୍ଲକରେ କେହି ନିୟମିତ ଗୋଷ୍ଠୀ ଶିକ୍ଷାଧିକାରୀ ନାହାନ୍ତି । ୫୦ ବର୍ଷରୁ ଅଧିକ ପୁରୁଣା ବାରଣସୀ ସରକାରୀ ହାଇସ୍କୁଲ ଜଣେ ଇନଚାର୍ଜଙ୍କୁ ନେଇ ଦୀର୍ଘ ବର୍ଷ ହେଲା ଚାଲିଛି । ପ୍ରାଥମିକ ଶିକ୍ଷକମାନଙ୍କ ଦରମା କେବେ ବି ନିୟମିତ ମିଳେନାହିଁ । ସରକାର ଓ ପ୍ରଶାସନ ପ୍ରତ୍ୟେକ ବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ଘଟାଇବା ସହ ସମାନ କାମକୁ ସମାନ ଦରମା ପ୍ରଦାନ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି କେତେକ ଶିକ୍ଷକ ପ୍ରକାଶ କରିଛନ୍ତି। ଏପରି କ୍ଷେତ୍ରରେ ୫ ଟିର ସଫଳ ରୂପାୟନ କିପରି ସମ୍ଭବ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି।


DADLS-21

ରାଜ୍ୟସ୍ତରୀୟ
ଆତ୍ମୋତ୍ସର୍ଗ ଦିବସ
ତା. ୨୪.୦୮.୨୦୧୯ରିଖ

ସାଧାରଣ ସଭା
ସମୟ – ସଂଧ୍ୟା ୬ ଘଟିକା
ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ରଘୁନନ୍ଦନ ଦାସ,
ମାନ୍ୟବର ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ,
ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,
ମାନ୍ୟବର ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ,
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ସପ୍ତଗିରି ଉଲ୍ଲାକା, ମାନ୍ୟବର ସାଂସଦ
ଶ୍ରୀଯୁକ୍ତ ତାରା ପ୍ରସାଦ ବାହିନୀପତି, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ମନୋହର ରନ୍ଧାରୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ରଘୁରାମ ପୋଡାଲ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ପିତମ ପାଢ଼ୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ପ୍ରଭୁ ଜାନୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବାକା, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ଆଦିତ୍ୟ ମାଢ଼ି, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ମୁନା ଖାନ୍, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଉପଦେଷ୍ଟା
ମୁଖ୍ୟବକ୍ତା – ଶ୍ରୀଯୁକ୍ତ ଏ.ଭି ସ୍ୱାମୀ, ପୂର୍ବତନ ସାଂସଦ

ସଭା ପରେ କୁରଲି, ବିଷମ କଟକର ନିୟମଗିରି ଡଙ୍ଗରିଆ ଧାଙ୍ଗଡ଼ା ଧାଙ୍ଗଡି ଡ୍ୟାନ୍ସ ଗ୍ରୁପ୍ ଏବଂ କାକରିଗୁମାର ମୁଡିୟାଲୁମା ଢେମସା ଡ୍ୟାନ୍ସ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0032/1920

# ବାଲ୍‌ମୁକୁନ୍ଦ କେନ୍ଦ୍ରରେ ଜନ୍ମାଷ୍ଟମୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୨୩।୮(ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ରାଜଗୁରୁ ସାହିଠାରେ ଥିବା ପରିଚ୍ଛା ମଠ ପରିସରରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ଏହି ଅବସରରେ ଏକ ବାଲ୍ ସାଧାନା ଶିବିର ହୋଇଥିଲା। କେନ୍ଦ୍ରର ପୁରୋଧା ହରେରାମ କୃଷ୍ଣ ଚୌଧୁରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଚୌଧୁରୀଙ୍କ ତତ୍ୱାବଧାନରେ ରାଧାକୃଷ୍ଣ ବେଶ ଏବଂ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା । ମୁଖ୍ୟଅତିଥି ରୂପେ ଯୋଗଦେଇଥିବା ବରିଷ୍ଠ ନାଗରିକ



ବାଲ୍‌ମୁକୁନ୍ଦ କେନ୍ଦ୍ରରେ ଜନ୍ମାଷ୍ଟମୀ ଅବସରରେ ପିଲାମାନେ ।

ଲମ୍ବୋଦରଦର ପଣ୍ଡା ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ରାଧା ଗୋବିନ୍ଦ ଧାମର ସତ୍‌ସଙ୍ଗୀ ଜାନକୀ ବେହେରା, ଖବରଦାତା ଗଣେଶ ରାଜୁ, କୃଷ୍ଣକୁମାର ବେହେରା ଏବଂ ମା'ଫୁଲସୁନ୍ଦରୀ ପୀଠର ସଭାପତି ମଧୁସୂଦନ ବେହେରା ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ। ପିଲାଙ୍କ ସହ ସଙ୍କୀର୍ତ୍ତନ ମଣ୍ଡଳୀ ରଣିକ ରାଜମନ୍ଦିର ପରିକ୍ରମା କରଥିଲେ। କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳକ ମୁରଲୀଧର ପରିଚ୍ଛା, କେନ୍ଦ୍ରର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ସ୍ୱାମୀ ମୁକୁନ୍ଦା ନନ୍ଦଜୀଙ୍କ ବାର୍ତ୍ତା ପାଠ କରିଥିଲେ ।

## ଚୋରି ଯାଇଥିବା ୩୦ଭରି ସୁନା ଉଦ୍ଧାର

**ପାରଳାଖେମୁଣ୍ଡି, ୨୩।୮(ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ରେଖନାସାହିସ୍ଥିତ ପ୍ରମୋଦ କୁମାର ପଣ୍ଡାଙ୍କ ବାସ ଗୃହରୁ ଚୋରି ହୋଇଥିବା ୩୦ ଭରି ସୁନା ପୋଲିସ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ଜଣକୁ ପୋଲିସ ଅଟକ ରଖି ପଚରାଉଚରା କରୁଛି । ଚୋରି ଯାଇଥିବା ସୁନା ପ୍ରମୋଦଙ୍କ ପୁତୁରା ଚିନ୍ମୟ ମିଶ୍ର ଚୋରି କରିଥିବା ଜଣାପଡିବା ପରେ ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଥିଲା। ଚିନ୍ମୟ ବ୍ରହ୍ମପୁର ଯିବାପାଇଁ ପାରଳାଖେମୁଣ୍ଡିସ୍ଥିତ ଫାୟାର ଷ୍ଟେସନ ଛକଠାରେ ଗୁରୁବାର ରାତି ୧୨ଟାରେ ବସ୍‌କୁ ଅପେକ୍ଷା କରିଥିବାବେଳେ ପୋଲିସ ତାଙ୍କୁ ସେଠାରୁ କାବୁ କରିନେଇଥିଲା । ତାଙ୍କୁ ପଚରାଉଚରା କରି ପୋଲିସ ପ୍ରମୋଦଙ୍କ ଘରୁ ଚୋରି ହୋଇଥିବା ୩୦ଭରି ସୁନା ଉଦ୍ଧାର କରିଥିଲା। ଏନେଇ ପାରଳାଖେମୁଣ୍ଡି ଥାନାରେ ୧୬୦/୧୯ରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ଆଇ ଶରତ ଚନ୍ଦ୍ର ରାୟ ଘଟଣାର ତଦନ୍ତ କରୁଥିଲେ।

# ଛତୁଆ ପ୍ରସ୍ତୁତି ତାଲିମ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୨୩।୮(ସ୍ୱ.ପ୍ର.)–**

ଗଜପତି ଜିଲା ରାୟଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମହେନ୍ଦ୍ରତନୟା ଛତୁଆ ପ୍ରସ୍ତୁତି କେନ୍ଦ୍ରଠାରେ ଏକମାସ ଧରି ଚାଲିଥିବା ଛତୁଆ ପ୍ରସ୍ତୁତି କାର୍ଯ୍ୟକ୍ରମ ଚାଲିଛି । ଆସନ୍ତା ସେପ୍ଟେମ୍ବର ମାସ ପାଇଁ ବ୍ଲକର ଜୟଶ୍ରୀ ରାମ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଛତୁଆ ପ୍ରସ୍ତୁତି କେନ୍ଦ୍ରରୁ ସମସ୍ତ ହିତାଧିକାରୀମାନଙ୍କୁ ଛତୁଆ ଯୋଗାଣ ହେବ । ଛତୁଆର ମାନ ଓ ଗୁଣବତା ସିଡିପିଓଙ୍କ ଦ୍ୱାରା ତଦାରଖ ହୋଇଛି। ଏହା ପ୍ରତି ମାସ ୨୩ରେ ପ୍ରସ୍ତୁତ କରାଯାଇ ଆଗାମୀ



ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମଚାରୀମାନେ ।

ମାସ ପାଇଁ ହିତାଧିକାରୀ ଚିହ୍ନଟ କରାଯିବାକୁ ସ୍ଥିର ହୋଇଛି । ସମସ୍ତ ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି କେନ୍ଦ୍ରରେ ଏହା ପହଞ୍ଚାଇବାକୁ ସ୍ଥିର ହୋଇଛି । ପ୍ରଥମକରି ବ୍ଲକରେ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମକୁ ଜିଲା ସମାଜ କଲ୍ୟାଣ ଅଧିକାରୀ କୁନ୍ତଳା ମଲ୍ଲିକଙ୍କ ତତ୍ୱାବଧାନରେ ଚାଲିଥିଲା। ସେହିପରି ମିଶନ ଶକ୍ତିର ଡିପିସି ରଶ୍ମିରଞ୍ଜନ ସେଠୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ବ୍ଲକର ୧୧ଟି ସେକ୍ଟରରେ ଗର୍ଭବତୀ ଥିବା ୫୯୪, ୬୨୬ ପ୍ରସୂତି , ଛମାସରୁ ୩ବର୍ଷର ୩୦୯୮ ଜଣ ଶିଶୁ, ୬ମାସରୁ ୩ବର୍ଷର ପୁଷ୍ଟିହୀନ ୭୦ ଜଣ ଶିଶୁ ୩ବର୍ଷରୁ ୬ବର୍ଷର ୪୭ ଜଣ ପୁଷ୍ଟିହୀନ ଶିଶୁ ଏପରି ମୋଟ ୪ହଜାର ୫୦୫ ଜଣ ହିତାଧିକାରୀଙ୍କ ୨୫ ଦିନର ଖାଦ୍ୟ ପ୍ରସ୍ତୁତି କରାଯାଉଛି।




# ପତଞ୍ଜଳି ଯୋଗ ସମିତି ପକ୍ଷରୁ ତହସିଲସ୍ତରୀୟ ବୈଠକ

**ପାରଳାଖେମୁଣ୍ଡି,୨୩।୮ (ସ୍ୱ.ପ୍ର.)**

ଗଜପତି ଜିଲା ରାୟଗଡ ବ୍ଲକ ସଦରସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପରିସରରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଏକ ତହସିଲସ୍ତରୀୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ହରିଦ୍ୱାରର ପୂଜ୍ୟସ୍ୱାମୀ ଓମ୍‌ଦେବଜୀ, ସମ୍ମାନିତ ଅତିଥିଭାବେ ପତାଞ୍ଜଳି ଯୋଗ ସମିତିର ସହରାଜ୍ୟ ପ୍ରଭାରୀ ପୃଥ୍ୱୀ ରାଜଜୀ, କାର୍ଯ୍ୟକାରିଣୀ ସଭାପତି ଅମ୍ବିକା ରଞ୍ଜନ ପାଣିଗ୍ରାହୀ, ଭାରତ ସ୍ୱାଭିମାନର ଜିଲା ପ୍ରଭାରୀ ବିଘ୍ନେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ତହସିଲସ୍ତରୀୟ ସମିତି ଗଠନ କରାଯିବା ସହ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ କିପରି ଯୋଗର ପ୍ରଚାର ପ୍ରସାର ପହଞ୍ଚିପାରିବ ସେ ନେଇ ଆଲୋଚନା ହୋଇଥିଲା । ଏଥିପାଇଁ ତହସିଲସ୍ତରରେ ୧୩ ଜଣିଆ କମିଟି ଗଠନ କରାଯାଇଥିଲା। ପ୍ରଧାନଆଚାର୍ଯ୍ୟ ପ୍ରସାଦ ଘଡେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ତହସିଲସ୍ତରୀୟ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

DADLS-21

ରାଜ୍ୟସ୍ତରୀୟ
ଆମ୍ରୋତ୍ସର୍ଗ ଦିବସ
ତା. ୨୪.୦୮.୨୦୧୯ରିଖ

ସାଧାରଣ ସଭା
ସମୟ – ସଂଧ୍ୟା ୬ ଘଟିକା
ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ରଘୁନନ୍ଦନ ଦାସ,
ମାନ୍ୟବର ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ,
ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,
ମାନ୍ୟବର ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ,
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ସପ୍ତଗିରି ଉଲ୍ଲାକା, ମାନ୍ୟବର ସାଂସଦ
ଶ୍ରୀଯୁକ୍ତ ତାରା ପ୍ରସାଦ ବାହିନୀପତି, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ମନୋହର ରନ୍ଧାରୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ରଘୁରାମ ପୋଡାଲ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ପିତମ ପାଢ଼ୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ପ୍ରଭୁ ଜାନୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବାକା, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ଆଦିତ୍ୟ ମାଢ଼ି, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ମୁନା ଖାନ୍, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଉପଦେଷ୍ଟା
ମୁଖ୍ୟବକ୍ତା – ଶ୍ରୀଯୁକ୍ତ ଏ.ଭି ସ୍ୱାମୀ, ପୂର୍ବତନ ସାଂସଦ

ସଭା ପରେ କୁରଲି, ବିଷମ କଟକର ନିୟମଗିରି ଡଙ୍ଗରିଆ ଧାଙ୍ଗଡ଼ା ଧାଙ୍ଗଡି ଡ୍ୟାନ୍ସ ଗ୍ରୁପ୍ ଏବଂ କାକରିଗୁମାର ମୁଡିୟାଲୁମା ଢେମସା ଡ୍ୟାନ୍ସ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0032/1920

# ଚନ୍ଦନକାଠ ଚୋରା ଚାଲାଣ ବେଳେ ଜବତ, ୩ ଗିରଫ

**ପାରଳାଖେମୁଣ୍ଡି,୨୩।୮ (ସ୍ୱ.ପ୍ର.)**

ଗଜପତି ଜିଲା ଗୋଷାଣୀ ବ୍ଲକ ଲାବାଣ୍ୟଗଡ ଅଞ୍ଚଳରେ ଥିବା ଏକ ରକ୍ତ ଚନ୍ଦନ ବଣରୁ ଚନ୍ଦନକାଠ ଦିଲ୍ଲୀ ପଠାଇବା ପାଇଁ ବିଶାଖାପାଟଣା ଯାତ୍ରା କରୁଥିବାବେଳେ ପୋଲିସ ହାତରେ ଧରାପଡିଛି । ପ୍ରତିଦିନ ଭଳି ଗୁରୁବାର ମଧ୍ୟ ସୀମାନ୍ତବର୍ତ୍ତୀ ଆନ୍ଧ୍ର ରାଜ୍ୟର ମିଳିଆପୁଟି ପୋଲିସ ଯାଞ୍ଚ କରୁଥିଲା। ଏହି ସମୟରେ ଏକ କାରକୁ (୩୧ଟିଭି ୫୭୧୪)କୁ ପୋଲିସ ଅଟକାଇ ଯାଞ୍ଚ କକରିଥିଲା। ଯାଞ୍ଚ ସମୟରେ ୪ଟି ରକ୍ତ ଚନ୍ଦନ କାଠ ଗଣ୍ଡି କାର ମଧ୍ୟରୁ ମିଳିଥିଲା । ପରେ



ଗିରଫ ୩ ଅଭିଯୁକ୍ତ ।

ପୋଲିସ କାଗଜପତ୍ର ଯାଞ୍ଚ କରିଥିଲା । ଗାଡି କାଗଜପତ୍ର ଦେଖାଇବାରେ ସେମାନେ ବିଫଳ ହେବାରୁ ପୋଲିସ ସନ୍ଦେହ କରି ସେମାନଙ୍କୁ ପଚରାଉଚରା ଆରମ୍ଭ କରିଥିଲେ । ଏହି ସମୟରେ ସେମାନେ ଏହି ଗଣ୍ଡିଗୁଡିକ ଗଜପତି ଜିଲା ଲାବାଣ୍ୟଗଡ ଜଙ୍ଗଲରୁ ଆଣିଥିବା ଏବଂ ଏହାକୁ ଦିଲ୍ଲୀ ପଠାଇବା ପାଇଁ ବିଶାଖାପାଟଣା ନେଉଛନ୍ତି ବୋଲି ପଚରାଉଚରା ବେଳେ ପୋଲିସ ସମ୍ମୁଖରେ ସ୍ୱୀକାର କରିଥିଲେ । ଗାଡିରେ ଥିବା ୩ଜଣଙ୍କୁ ପୋଲିସ ଗିରଫ କରିବା ସହ ରକ୍ତ ଚନ୍ଦନ ଗଣ୍ଡି ଏବଂ କାରକୁ ଜବତ କରିଛି । ଜବତ କାଠର ଓଜନ ପ୍ରାୟ ୨୦୬ କିଲୋ ଗ୍ରାମ ହୋଇଥିବାବେଳେ ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ବୋଲି ଜଣାପଡିଛି।

# ଏଣିକି ପୂର୍ବାହ୍ନ ସାଢେ ୯ରୁ ଅପରାହ୍ନ ସାଢେ ୪ଟା ଯାଏ ସ୍କୁଲ

## ସେଲ୍‌ଫି ନେଇ ହ୍ୱାଟସଆପ୍‌ରେ ଡିଇଓଙ୍କୁ ଫଟୋ ପଠାଇବେ ଶିକ୍ଷକ

**କାଶୀନଗର, ୨୩।୮(ଡି.ଏନ.ଏ.)–**

ଗଜପତି ଜିଲା ଶିକ୍ଷାଧିକାରୀଙ୍କ ଚିଠି ସଂଖ୍ୟା ୫୪୩୦/୧୯।୮।୨୦୧୯ ଅନୁଯାୟୀ ଜିଲା ଅଧୀନ ସମସ୍ତ ବିଦ୍ୟାଳୟ ଏଣିକି ପୂର୍ବାହ୍ନ ସାଢେ ୯ଟାରୁ ଆରମ୍ଭ ହେବ। ଅପରାହ୍ନ ସାଢେ ୪ଟାରେ ବିଦ୍ୟାଳୟ ଛୁଟି ହେବ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ପୂର୍ବାହ୍ନ ସାଢେ ୯ଟା ସୁଦ୍ଧା ବିଦ୍ୟାଳୟରେ ପହଞ୍ଚି ଉପସ୍ଥାନ ରେଜିଷ୍ଟ୍ରାରରେ ଦସ୍ତଖତ କରିବେ। ସେମାନେ ଏନେଇ ସେଲଫି ନେଇ ହ୍ୱାଟସଆପ ମାଧ୍ୟମରେ ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ରେଜିଷ୍ଟ୍ରାରର ଫଟୋ କପି ଫଟାଇବେ। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ସ୍ଥିରୀକୃତ ୫ଟି ଯଥା ଟିମୱାର୍କ, ଟେକେନୋଲୋଜି, ଟ୍ରାନ୍ସଫରେନ୍ସି, ଟ୍ରାନ୍ସଫରମେଶନ, ଟାଇମ ଲିଡିଂର ସଫଳ ରୂପାୟନ ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଦ୍ୟାଳୟରେ ଠିକ୍ ସମୟରେ ଉପସ୍ଥାନକୁ ନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ବାୟୋମେଟ୍ରିକ୍ସ ଲଗାଇବା ଲାଗି ପ୍ରସ୍ତାବ ଯାଇଥିଲା। ତେବେ ଅନେକ ବିଦ୍ୟାଳୟରେ ବିଦ୍ୟୁତ୍ ଓ ନେଟ ସୁବିଧା ନ ଥିବାରୁ ଜିଲାପାଳ ବାୟୋମେଟ୍ରିକ୍ସ ବଦଳରେ ସେଲଫି ପଠାଇବାର ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଏନେଇ କାଶୀନଗର ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେମାନେ କହିଛନ୍ତି ଯେ, ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିକ୍ଷକତାକୁ ଏକ ବୃତ୍ତି ନୁହେଁ, ଏକ ବ୍ରତ ରୂପେ ଗ୍ରହଣ କରି କାର୍ଯ୍ୟ କରନ୍ତି। ନଚେତ୍ ପ୍ରଶାସନ, ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ଗୋଷ୍ଠୀ ପକ୍ଷରୁ ପ୍ରତିଦିନ ପଡୁଥିବା ଚାପରେ ସେମାନେ କାର୍ଯ୍ୟ କରିପାରନ୍ତେ ନାହିଁ । ଚାପ ପ୍ରୟୋଗ କରି ଜଣକ ଭିତରେ କେବେ ବୃତ୍ତିକୁ ବ୍ରତ ରୂପେ ଗ୍ରହଣ କରିବାର ଶ୍ରଦ୍ଧା ସୃଷ୍ଟି କରାଯାଇପାରିବ ନାହିଁ । ବ୍ଲକରେ କେହି ନିୟମିତ ଗୋଷ୍ଠୀ ଶିକ୍ଷାଧିକାରୀ ନାହାନ୍ତି । ୫୦ ବର୍ଷରୁ ଅଧିକ ପୁରୁଣା ବାରଣସୀ ସରକାରୀ ହାଇସ୍କୁଲ ଜଣେ ଇନଚାର୍ଜଙ୍କୁ ନେଇ ଦୀର୍ଘ ବର୍ଷ ହେଲା ଚାଲିଛି । ପ୍ରାଥମିକ ଶିକ୍ଷକମାନଙ୍କ ଦରମା କେବେ ବି ନିୟମିତ ମିଳେନାହିଁ । ସରକାର ଓ ପ୍ରଶାସନ ପ୍ରତ୍ୟେକ ବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ଘଟାଇବା ସହ ସମାନ କାମକୁ ସମାନ ଦରମା ପ୍ରଦାନ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି କେତେକ ଶିକ୍ଷକ ପ୍ରକାଶ କରିଛନ୍ତି। ଏପରି କ୍ଷେତ୍ରରେ ୫ ଟିର ସଫଳ ରୂପାୟନ କିପରି ସମ୍ଭବ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ଗଜପତି ମହାରାଜା ଦିବ୍ୟସିଂହଦେବ





ରାୟଗଡ଼ାରେ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି ।



ରାଧାକୃଷ୍ଣ ବେଶରେ ସଜ୍ଜିତ ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ।



ଟିକିରିରେ କୁନି କୁନି ପିଲାମାନେ ରାଧାକୃଷ୍ଣ ବେଶରେ ।

# ପାଳିତ ହେଲା ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ

ରାୟଗଡ଼ା ଅଫିସ/ ଗୁଣପୁର/ମୁନିଗୁଡ଼ା,୨୩।୮

ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ଧୂମଧାମର ସହ ପାଳିତ ହୋଇଯାଇଛି। ରାୟଗଡ଼ା ସହରସ୍ଥିତ ଗାୟତ୍ରୀନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି । ଶିଶୁ ମଙ୍ଗଳ ବିଭାଗର ପ୍ରତିମା ପାତ୍ର, ସବିତା ହୋତା, ଗୁମ୍ମା ସରକାରୀ ସ୍କୁଲ ଶିକ୍ଷୟିତ୍ରୀ କଳ୍ପନା ପତି ବିଚାରକ ଭାବେ ଉପସ୍ଥିତ ଥିଲେ । ସାମାଜିକ କର୍ମୀ ପ୍ରିୟମ୍ବଦା ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଜିର ଦିନର ମହତ୍ତ୍ୱ ବିଷୟରେ କହିଥିଲେ। ମୋଟ ୮୦ ଜଣ ଶିଶୁ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଓ ଦହିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଚରଣ ସ୍ୱାଇଁଙ୍କ ସମେତ ଅନ୍ୟ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ। ସେହିପରି ଗୁଣପୁର ଟ୍ରେଜେରି ନିକଟ ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ କାର୍ଯ୍ୟକ୍ରମ ପାଳନ ହୋଇଥିଲା । ମନ୍ଦିରରେ ଭକ୍ତଙ୍କ ବହୁ ସମାଗମ ହୋଇଥିଲା। ସମସ୍ତ ରିତିନୀତି ଅନୁଯାୟୀ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ଶିଶୁମନ୍ଦିରଠାରେ ପାଳନ କରାଯାଇଥିଲା। ବାଳଗୋପାଳଙ୍କୁ ଝୁଲଣ ଦୋଳିରେ ବସାଯାଇ ଝୁଲା ଯାଇଥିଲା । ଶେଷରେ ଦଧି ହାଣ୍ଡି ଭଙ୍ଗା ଯାଇଥିଲା । ପ୍ରାରମ୍ଭରୁ ୩ୟ ଶ୍ରେଣୀର ଛାତ୍ରୀଛାତ୍ରମାନେ ଯଶୋଦା, ରାଧାକୃଷ୍ଣ, ବଳରାମ, କଂସ ଆଦି ବେଶରେ ସଜ୍ଜିତ ହୋଇଥିଲେ । କନିଷ୍ଠ ଏବଂ ବରିଷ୍ଠ ବର୍ଗର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟା ସଂଯୁକ୍ତା ନାୟକ ପରିଚାଳନା କରିଥିଲେ। ପରିଚାଳନା ସମିତି ସଭାପତି ଲଳିତ ବୈଦ୍ୟ ଭୂଷଣ, ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ, ଯୁଗ୍ମସମ୍ପାଦକ ଦିଲୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଗାନ୍ଧୀ ପବ୍ଲିକ ସ୍କୁଲରେ ମଧ୍ୟ ଏହା ପାଳିତ ହୋଇଛି । ଛାତ୍ରୀଛାତ୍ର ବିଭିନ୍ନ ବେଶରେ ସଜ୍ଜିତ ହୋଇଥିଲେ । ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଟି.ଶ୍ରୀଦେବୀଙ୍କ ସମେତ ଅନ୍ୟାନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସ୍କୁଲ ପ୍ରିନ୍ସପାଲ ପ୍ରଶାନ୍ତକୁମାର ପଣ୍ଡାଙ୍କ ତତ୍ତ୍ୱବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ମୁନିଗୁଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପାଳିତ ହୋଇଛି ଜନ୍ମାଷ୍ଟମୀ । କୁନି କୁନି ପିଲାମାନେ ରାଧାକୃଷ୍ଣ ବେଶଧାରଣ କରିଥିଲେ। ସାରଦା ମଣ୍ଡପଠାରେ ଶିଶୁ ବାଟିକା ପ୍ରମୁଖ ରଶ୍ମିତା ନାୟକ ଓ ଗୀତାଞ୍ଜଳି ବେହେରାଙ୍କ ମିଳିତ ସଂଯୋଜନାରେ ଛାତ୍ରୀଛାତ୍ରମାନଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ବେର ଦଳେଇ ଓ ଗିରିଜା ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ରାଧାକୃଷ୍ଣ ବେଶଧାରଣ କରିଥିବା ଛାତ୍ରୀଛାତ୍ରମାନଙ୍କ ସହ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ନଗର ପରିକ୍ରମା କରିଥିଲେ । ପରେ ରାଧାକୃଷ୍ଣ ମନ୍ଦିର ଯାଇ ସେଠାରେ ପୂଜାର୍ଚ୍ଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିଶୁ ମନ୍ଦିର ଗୁରୁମା ସୁଜାତା ନାୟକ, ପ୍ରିୟଙ୍କା ପାତ୍ର, ବାଣିଶ୍ରୀ ପଣ୍ଡା, କଳ୍ପନା ଦାସ, ସୁନିତା ପ୍ରଧାନୀ, କୁମୁଦୁନୀ ପଣ୍ଡା, କୁସୁମାଞ୍ଜଳି ରଥ, ଗାୟତ୍ରୀ ସାହୁ ଓ ଗୁରୁଜୀ ଅନିରୁଦ୍ଧ ବେହେରା, ସୁବ୍ରତ ପାତ୍ର, କିଶୋର ବାଗ ପ୍ରମୁଖଙ୍କ ସମେତ ଅନ୍ୟମାନେ ପରିଚାଳନା ଓ ସହଯୋଗ କରିଛନ୍ତି।



ମୁନିଗୁଡ଼ାରେ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି ।



କାଶୀପୁରରେ ଛାତ୍ରୀମାନେ ରାଧା ବେଶରେ ।

## ଚକ୍ଷୁ ପରୀକ୍ଷା ଶିବିର

ମୁନିଗୁଡା, ୨୩।୮ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ଅର୍ନ୍ତଗତ ଜାମରାଗୁଡାସ୍ଥିତ ନ୍ୟୁହୋପ୍ ହୋଇନା ଲେପ୍ରସି ଟ୍ରଷ୍ଟ ଏବଂ ଏଲ୍‌ଭି ପ୍ରସାଦ ଚକ୍ଷୁ ପରୀକ୍ଷଣ କେନ୍ଦ୍ର ପରିସରରେ ଗୁରୁବାର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ନିର୍ଦ୍ଦେଶକ ଏଲିଜାର ଟି. ରୋଜଙ୍କ ପରିଚାଳନାରେ ଆୟୋଜିତ ଶିବିରରେ ଡା. ତପନ ପ୍ରସାଦ ଦାସ, ଉପାଧକ୍ଷ ନିରଞ୍ଜନ କୁମାର, ବୈଷୟିକ ସହାୟିକା ଦିପ୍‌ସାମୟୀ ସାମଲ, ସନ୍ତୋଷିନୀ କରକରିଆ ପ୍ରମୁଖ ଉପସ୍ଥିତ ରହି ଗ୍ରାମାଞ୍ଚଳରୁ ଆସିଥିବା ଶତାଧିକ ଲୋକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଗୁରୁବାର ୧୪ ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା । ୮ ମାସ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ମୋଟ ୧୪୧୧ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା ସେମାନଙ୍କ ମଧ୍ୟରୁ କେତେକଙ୍କୁ ଚଷମା ପ୍ରଦାନ, ଚଷମା ବ୍ୟବହାର ପାଇଁ ପରାମର୍ଶ, ମୋତିଆବିନ୍ଦୁ ଅସ୍ତ୍ରୋପଚାର, ଉତ୍ତମ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରେରଣ ଆଦି କରାଯାଇଥିବା ସୂଚନା ମିଳିଛି। ଏହି ସମୟ ମଧ୍ୟରେ ୧୭୪ ଜଣଙ୍କର ସଫଳ ଅସ୍ତ୍ରୋପଚାର ହୋଇଥିବା ନିର୍ଦ୍ଦେଶକ ରୋଜ୍ ପ୍ରକାଶ କରିଛନ୍ତି ।

# ସମସ୍ୟାରେ ଉବୁଟୁବୁ ଗୁରୁମଗୁଡ଼ାବାସୀ

ରାୟଗଡ଼ା ଅଫିସ,୨୩।୮



ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା ।

**ଶୁଣୁନି ପ୍ରଶାସନ**

- ଲୋକେ ପିଉଛନ୍ତି ନଦୀଜଳ
- ଗାଁକୁ ଆମ୍ବୁଲାନ୍ସ ଆସିବା ସ୍ୱପ୍ନ
- ଶୋଚନୀୟ ହୋଇପଡ଼ିଛି ରାସ୍ତା

ରାୟଗଡ଼ା ପୌରପାଳିକାର ୧ ନମ୍ବର ୱାର୍ଡ଼ରେ ରହିଛି ଗୁରୁମଗୁଡ଼ା। ପୌରପାଳିକା ଅଧୀନରେ ଏହି ଗ୍ରାମ ରହିଥିଲେ ମଧ୍ୟ ଗ୍ରାମବାସୀ ବିଭିନ୍ନ ସମସ୍ୟାରେ ଉବୁଟୁବୁ। ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟ ଜଳ ସମସ୍ୟା ଲାଗି ରହିଛି । ଏନେଇ ବାରମ୍ବାର ଗ୍ରାମବାସୀ ଅଭିଯୋଗ କଲେ ମଧ୍ୟ କେହି ସେମାନଙ୍କ ଦୁଃଖ ଶୁଣୁ ନ ଥିବା ଜଣାଯାଇଛି।

ଏଠାରେ ପ୍ରାୟ ୮୦ ପରିବାର ବସବାସ କରନ୍ତି। ଅଧିକାଂଶ ଦିନ ମଜୁରିଆ ଓ ଚାଷ କାର୍ଯ୍ୟ କରିଥାନ୍ତି । ଏଠାରେ ଭଲ ରାସ୍ତାଟିଏ ନାହିଁ । ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା ଖାଲଖମାରେ ପରିପୂର୍ଣ୍ଣ । ବର୍ଷା ଦିନେ ଉକ୍ତ ରାସ୍ତାରେ ଯାଆସ କରିବା କଷ୍ଟକର ହୋଇପଡୁଛି। ଅଧିକାଂଶ ଦିନ ଏଠାରେ ଛୋଟ଼ବଡ଼ ଦୁର୍ଘଟଣା ଘଟୁଛି । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ବିଷୟରେ ଭାବିବା ସ୍ୱପ୍ନ । ଗାଁକୁ ଅଟୋ ଯାଉଥିଲେ ମଧ୍ୟ ତାହା କାଦୁଅରେ ପୋତି ହୋଇପଡ଼ିଥାଏ। ସେହିପରି ଏହି ଗ୍ରାମରେ ଡ୍ରେନେଜ ସୁବିଧା ନାହିଁ। ତେଣୁ ପାଣି ଠିକ୍ ଭାବେ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହୁଛି। ପୌର ପକ୍ଷରୁ ସହରରୁ ବାହାରୁଥିବା ସବୁ ଅଳିଆ ଆବର୍ଜନା ଆଣି ଏଠାରେ ପକାଯାଉଛି। ବିଦ୍ୟୁତ ବିଭ୍ରାଟ ଏଠାକାର ନିତିଦିନିଆ ଘଟଣା । ଗୁରୁମଗୁଡ଼ାରେ ପିଏଚଡ଼ି ଦ୍ୱାରା ପାଣି ପାଇପ ଯୋଗେ ଯୋଗାଯାଉଥିଲେ ହେଁ ସେ ସବୁ ଅକାମୀ ହୋଇ ପଡ଼ିରହିଛି। ତେଣୁ ଗ୍ରାମବାସୀ ନଦୀ ଜଳ ପିଇବାକୁ ବାଧ୍ୟ ହେଉଛନ୍ତି। ସରକାରଙ୍କ ଜନହିତକର ବିଭିନ୍ନ କାର୍ଯ୍ୟକ୍ରମ ବର୍ତ୍ତମାନ ପର୍ଯ୍ୟନ୍ତ ଏଠାରେ ପହଞ୍ଚି ପାରିନାହିଁ। ଗ୍ରାମର ସୋମନାଥ ପାତ୍ର କହିଛନ୍ତି ଯେ, ପାନୀୟ ଜଳ ପାଇଁ ନଦୀରୁ ପାଣି ବ୍ୟବହାର କରିବାକୁ ପଡୁଛି । ବାରମ୍ବାର ପ୍ରଶାସନକୁ କହିଲେ କେହି ଆମ କଥା ଶୁଣୁ ନାହାନ୍ତି । ସେହିପରି ଭିକାରୀ ପାତ୍ର କହିଛନ୍ତି , ଏଠାରେ ଭଲ ରାସ୍ତାଟିଏ ନାହିଁ। ଯାହା ଅଛି ତାହା ଶୋଚନୀୟ ହୋଇ ପଡ଼ିଛି । ତେଣୁ ଉକ୍ତ ରାସ୍ତା ଦେଇ ଯିବା ଆସିବା କରିବା କଷ୍ଟକର ହୋଇପଡୁଛି । ସାବିତ୍ରୀ ହୁଇକା କୁହନ୍ତି, ଗମନାଗମନର ସୁବିଧା ନ ଥିବାରୁ ରୋଗୀଙ୍କୁ ଡ଼ାକ୍ତରଖାନା ନେବାରେ ଅସୁବିଧା ହେଉଛି । ଅନିତା ମେଳେକା କହନ୍ତି , ଏଠାକାର ପିଲାମାନେ ୫ ପାସ କରିବା ପରେ ଅଧିକ ପଢ଼ିବାକୁ ହେଲେ ୬ କିଲୋମିଟର ଯିବାକୁ ପଡୁଛି । ଏ ନେଇ ପୌରପାଳିକା ନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀଙ୍କୁ ପଚାରିବାରୁ, ସେ ନୂତନ ଭାବେ ଏହି ଦାୟିତ୍ୱ ବହନ କରିଛନ୍ତି । ଗୁରୁମଗୁଡ଼ାବାସୀଙ୍କ ବିଭିନ୍ନ ସମସ୍ୟା ନେଇ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

■ ଜୁନାଗଡ-ଭୁବନେଶ୍ୱର ଟ୍ରେନ

## ସୁବିଧା ପାଇବେ ଗୁଣପୁରବାସୀ

ଗୁଣପୁର,୨୩।୮ (ଡି.ଏନ.ଏ)

ଜୁନାଗଡ ଏବଂ ଭୁବନେଶ୍ୱର ମଧ୍ୟରେ ନୂତନ ଟ୍ରେନ ଚଳାଚଳ ଯୋଗୁ ଏହାର ଫାଇଦା ଗୁଣପୁର ଏବଂ ଗଜପତି ଜିଲାର ଲୋକେ ପାଇପାରିବେ । ନୌପଡା ଷ୍ଟେଶନଠାରେ ଭୁବନେଶ୍ୱର ଯିବା କିମ୍ବା ଗୁଣପୁର ପାରଳାଖେମୁଣ୍ଡି ଆସିବା ପାଇଁ ଜୁନାଗଡ ଏବଂ ଭୁବନେଶ୍ୱର ଏକ୍ସପ୍ରେସ ଟ୍ରେନ ସହାୟକ ହୋଇପାରିବ । ଯାହା ଗୁଣପୁର ଏବଂ ଗଜପତି ଜିଲାବାସୀଙ୍କ ପାଇଁ ଖୁସିର ବିଷୟ ହୋଇଛି । ରାତି ୧୦ଟା ୩୫ରେ ଭୁବନଶ୍ୱେର- ଜୁନାଗଡ ଟ୍ରେନ ଭୁବନେଶ୍ୱରଠାରୁ ଛାଡିବ ଏବଂ ନୌପଡାରେ ରାତି ୩ଟା ୨୫ରେ ପହଞ୍ଚିବ। ବ୍ରୁଣ୍ଡି ଷ୍ଟେଶନଠାରେ ଭୁବନେଶ୍ୱର- ଜୁନାଗଡ ଏକ୍ସପ୍ରେସ ପଲାସା-ଗୁଣପୁର ପାସେଞ୍ଜର ଟ୍ରେନକୁ କ୍ରସକରି ଆସିବ । ପଲାସା-ଗୁଣପୁର ଟ୍ରେନ ନୌପଡାରୁ ରାତି ୩ଟା୪୦ରେ ଛାଡିବ । ଯାହା ଭୁବନେଶ୍ୱର ସହ ଅନ୍ୟାନ୍ୟ ଅଞ୍ଚଳରୁ ପାରଳାଖେମୁଣ୍ଡି ଏବଂ ଗୁଣପୁରକୁ ଆସୁଥିବା ଯାତ୍ରୀଙ୍କ ଲାଗି ସହାୟକ ହେବ । ସେହିପରି ଜୁନାଗଡ- ଭୁବନେଶ୍ୱର ଟ୍ରେନ ଜୁନାଗଡରୁ ଛାଡି ରାୟଗଡାକୁ ଆସିବାସହ ରାୟଗଡାରୁ ୮ଟାରେ ଛାଡିବ । ରାତି ୧୨ଟା୨୦ରେ ନୌପଡାରେ ପହଞ୍ଚିବ । ଅପରପକ୍ଷେ ଗୁଣପୁର- ପଲାସା ପାସେଞ୍ଜର ଟ୍ରେନ ରାତି ୯ଟା ୧୦ରେ ଗୁଣପୁରରୁ ଛାଡି ୧୧ଟା ୪୦ରେ ନୌପଡାଠାରେ ପହଞ୍ଚିବ। ଯଦ୍ୱାରା ଗୁଣପୁର ଏବଂ ପାରଳାଖେମୁଣ୍ଡି ଅଞ୍ଚଳରୁ ଯାଉଥିବା ଯାତ୍ରୀମାନେ ନୌପଡାଠାରେ ଜୁନାଗଡ-ଭୁବନେଶ୍ୱର ଟ୍ରେନରେ ଯାତ୍ରା କରିବାକୁ ସୁବିଧା ପାଇ ପାରିବେ।

■ ବାଇପାସ ରାସ୍ତା ନିର୍ମାଣ ଦାବି

## ଜିଲାପାଳଙ୍କୁ ସ୍ମାରକପତ୍ର

ମୁନିଗୁଡା, ୨୩।୮ (ଡି.ଏନ୍.ଏ.)

ରାୟଗଡ଼ା ଜିଲାର ଅନ୍ୟତମ ପ୍ରମୁଖ ଜନବହୁଳ ତଥା ବ୍ୟବସାୟିକ କେନ୍ଦ୍ର ହେଉଛି ମୁନିଗୁଡା । ଏଠାରେ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ଏହାକୁ ଏଡାଇବା ପାଇଁ ତୁରନ୍ତ ପ୍ରସ୍ତାବିତ ବାଇପାସ ରାସ୍ତା ନିର୍ମାଣ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବାସିନ୍ଦା ଜିଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରାୟଗଡ଼ାରୁ ଭବାନୀପାଟଣା ଏବଂ ମୁନିଗୁଡାରୁ କନ୍ଧମାଳ ଓ ଭଞ୍ଜନଗର ପର୍ଯ୍ୟନ୍ତ ଥିବା ରାଜପଥ ସହରର ମଝିଦେଇ ଯାଇଥିବାରୁ ତଥା ଉଭୟ ପାର୍ଶ୍ୱରେ ରେଲ୍‌ୱେ ଲେଭଲ କ୍ରସିଂ ଫାଟକ ରହିଛି। ଏଥିରେ ଯାନବାହନ ଯାତାୟାତ ଯୋଗୁ ପ୍ରତ୍ୟେକ ମାସରେ ସର୍ବନିମ୍ନ ଦୁଇ ତିନୋଟି ଦୁର୍ଘଟଣା ଘଟୁଥିବା ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ରେଲ୍‌ୱେ ଷ୍ଟେଶନ, ବସଷ୍ଟାଣ୍ଡ, ବ୍ଲକ ଓ ତହସିଲ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବିଦ୍ୟାଳୟ ଓ ମହାବିଦ୍ୟାଳୟ, ବ୍ୟାଙ୍କ୍ ,ଧାର୍ମିକ ସ୍ଥଳ ଏବଂ ଦୈନିକ ବଜାର ଉପରେ ନିର୍ଭରଶୀଳ ଲୋକେ ଦ୍ରୁତ ଗତିରେ ଯାତାୟାତ କରୁଛନ୍ତି । ଦୁର୍ଘଟଣା ଏଡ଼ାଇବା ପାଇଁ ପ୍ରସ୍ତାବିତ ଏକ ବାଇପାସ ରାସ୍ତା ନେଇ ସର୍ବେକ୍ଷଣ ସରିଛି । ତୁରନ୍ତ ଏହି କାର୍ଯ୍ୟ ଆରମ୍ଭ କରିବାକୁ କରୁଣା ପଲ୍‌କିଆ, ଦିଲୀପ ବାତ୍ରା, ସାନବାବୁ ପଲ୍‌କିଆ, କିଶୋର ପଲ୍‌କିଆ ପ୍ରମୁଖ ଦାବି କରିଛନ୍ତି ।

## ଭାଲୁ କାମୁଡ଼ାରେ ବୃଦ୍ଧା ଗୁରୁତର

କୋରାପୁଟ,୨୩।୮(ସ୍ୱ.ପ୍ର.):

କୋରାପୁଟ ବ୍ଲକ ମସ୍ତିପୁଟ ପଞ୍ଚାୟତ ଡଙ୍ଗରିଗ୍ରାମ ନିକଟ କାମାୟାଗୁଡ଼ାରେ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ତାଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଛି । ସେ ହେଲେ ଧନାଇ ଜାନି (୬୦)। ଶୁକ୍ରବାର ସେ ଜମିକୁ ଯାଇଥିବାବେଳେ ହଠାତ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ । ମା’ ଭାଲୁ ସହ ୨ ଛୁଆ ଭାଲୁଙ୍କ ଆକ୍ରମଣରେ ଧନାଇଙ୍କ ଶରୀରର ବିଭିନ୍ନ ଜାଗାରେ ଗଭୀର କ୍ଷତ ହୋଇଛି।

## ବାୟୋଷ୍ଟେଟ୍ ଆସ୍ଥା ସ୍କଲାରଶିପ୍ କାର୍ଯ୍ୟକ୍ରମ

ପଦ୍ମପୁର,୨୩।୮ (ଡି.ଏନ୍.ଏ.)

ପଦ୍ମପୁର ବ୍ଲକ ଅଧୀନ ଗୁଡ଼ିଆବନ୍ଧ ବସନ୍ତ ଦେବୀ ବିଦ୍ୟାପୀଠରେ ଜାତୀୟ ବାୟୋଷ୍ଟେଟ୍ ଆସ୍ଥା ସ୍କଲାରସିପ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବାୟୋଷ୍ଟେଟ୍ ପୂର୍ବ ଭାରତ ଅଧକ୍ଷ ମନୋଜ କୁମାର ଚୌଧୁରୀ ମୁଖ୍ୟ ଅତିଥି , ଗୁଡ଼ିଆବନ୍ଧ ଗ୍ରାମପଞ୍ଚାୟତ ସମିତି ସଭ୍ୟ ଦୁର୍ଗା ପ୍ରସାଦ ସାହୁ, ଏସ୍. ମିନାରାଓ ଏବଂ ବାୟୋଷ୍ଟେଟ୍ ଦକ୍ଷିଣପଶ୍ଚିମାଞ୍ଚଳ ବ୍ୟବସାୟିକ ଅନୁଷ୍ଠାନର ଅଧିକାରୀ କୈଳାସ ଚନ୍ଦ୍ର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ଜଗନ୍ନାଥ ଦାଶ ପରିଚାଳନା କରିଥିଲେ । ବ୍ୟବସାୟ ସହ ସାରା ଦେଶରେ ଏକ ହଜାର ମେଧାବୀ ଗରିବ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ୧୦ମ ଶ୍ରେଣୀର ୧୦ ଛାତ୍ରୀଛାତ୍ରଙ୍କୁ ୨୫୦୦ ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରାଯାଇଥିଲା । ଶିକ୍ଷକ ହରିଶରଣ ଦାଶ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ଅଭିନୟ ସମ୍ପର୍କରେ ଆଲୋଚନା

ରାୟଗଡ଼ା ଅଫିସ,୨୩।୮

ରାୟଗଡ଼ାର କଲଚରାଲ କ୍ଲବ ତରଫରୁ ସ୍ଥାନୀୟ କମ୍ୟୁନିଟି ହଲରେ ଶୁକ୍ରବାର ଏକ ମାଗଣା ଅଭିନୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନାଟ୍ୟ ନିର୍ଦ୍ଦେଶକ ଡ଼. ନରେନ୍ଦ୍ର କୁମାର ମିଶ୍ର ଅଭିନୟ କିପରି ହୁଏ ସେ ନେଇ ବୁଝାଇଥିଲେ । ସହରର ପ୍ରାୟ ୩୦ ରୁ ୪୦ କଳାକାର ଏଥିରେ ଅଂଶ ଗ୍ରହଣ କରିଥିଲେ । ଟିଭି କଳାକାର ଟୁନା ଟନ ଟନ , ଆଇନଜୀବୀ ବ୍ରଜସୁନ୍ଦର ନାୟକ ଏବଂ ଓଲିଉଡ଼ ନିର୍ଦ୍ଦେଶକ ଗୋପୀ ଆନନ୍ଦ ଉପସ୍ଥିତ ଥିଲେ । ଆଗାମୀ ଦିନରେ ରାୟଗଡ଼ାର ସମସ୍ତ କଳାକାର ମିଶି ୩ ଘଣ୍ଟିଆ ଓଡ଼ିଆ ଚଳଚ୍ଚିତ୍ର କରିବାର ଯୋଜନା ଥିବା କଥା କଲଚରାଲ କ୍ଲବ ଅଭିନେତା ଟୁନା ଟନ ଟନ ପ୍ରକାଶ କରଛନ୍ତି ।



ଅତିଥିଙ୍କ ଗହଣରେ କଳାକାରମାନେ ।

■ ଗୁଣପୁର ପଞ୍ଚାୟତ ସମିତି ବୈଠକରେ ମାର୍‌ପିଟ୍ ଘଟଣା

# ପ୍ରତିବାଦ ଲାଗି ଭାଜପା ସଜବାଜ

ଗୁଣପୁର,୨୩।୮ (ଡି.ଏନ.ଏ)

ବୁଧବାର ରାୟଗଡା ଜିଲା ଗୁଣପୁର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ କୋରମ ଅଭାବକୁ ନେଇ ତୁମ୍ବି ତୋଫାନ ହେବା ସହ ଲୋକ ପ୍ରତିନିଧିଙ୍କ ମଧ୍ୟରେ ମାର୍‌ପିଟ୍ ହୋଇଥିଲା । ବିଡିଓ ବୈଠକକୁ ଟାଳି ଦେଇଥିଲେ ଏପରି ପରିସ୍ଥିତି ଉପୁଜି ନ ଥାନ୍ତା ବୋଲି ଆଲୋଚନା ହେଉଛି । କୋରମ ନ ଥିବାବେଳେ ବିଡିଓ ବୈଠକ କରିଥିଲେ। ଫଳରେ ବୈଠକରେ ଅପ୍ରିତିକର ପରିସ୍ଥିତ ସୃଷ୍ଟି ହୋଇଥିଲା । କୋରମ ନ ଥିବା ବେଳେ ବୈଠକ କିପରି କରାଯାଉଛି ବୋଲି ଭାଜପା ନେତା ତଥା ଘନାନ୍ତ୍ରୀ ସମିତି ସଭ୍ୟ ପ୍ରଶ୍ନ ଉଠାଇଥିଲେ। ଏହାର ଜବାବ ବିଡିଓ ରଖିବା ବଦଳରେ ମଞ୍ଚରେ ବସିଥିବା ବିଜେଡି ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ ଉତ୍କ୍ଷିପ୍ତ ହୋଇ ପଡ଼ିଥିଲେ । ମଞ୍ଚରୁ ଓହ୍ଲାଇ ଆସି ଭାଜପା ନେତା ଶ୍ରୀଧର ଶବରଙ୍କୁ ମାଡ ମାରିଥିଲେ । ବୈଠକରେ ଉପସ୍ଥିତ ଥିବା ବିଡିଓ ଓ ବିଧାୟକ ଦେଖୁଥିଲେ ମଧ୍ୟ ସମସ୍ତେ ନୀରବ ସାଜିଥିଲେ । ଯଦ୍ୱାରା ଉଭୟଙ୍କ ମଧ୍ୟରେ ମାର୍‌ପିଟ୍ ହେବାସହ ମାମଲା ଯାଇ ଥାନାରେ ପହଞ୍ଚିଥିଲା। ବିଡିଓ କୋରମ ଥିବା ଜାଣି ବୈଠକ କରିଥିଲେ ନା ନ ଜାଣି କରିଥିଲେ, ତାହା ତଦନ୍ତ ସାପେକ୍ଷ । ବିଡିଓଙ୍କ ଭୁଲ ପଦକ୍ଷେପ ଯୋଗୁଁ ଲୋକ ପ୍ରତିନିଧିଙ୍କ ମଧ୍ୟରେ ମାର୍‌ପିଟ୍ ଭଳି ପରିସ୍ଥିତି ଘଟିଥିଲା । ବିଡିଓ ବୈଠକକୁ ଟାଳି ଦେଇଥିଲେ ଏପରି ଅପ୍ରୀତିକର ପରିସ୍ଥିତି ଏଡାଇ ହୋଇଥାନ୍ତା ବୋଲି ମତ ପ୍ରକାଶ ପାଇଛି । ଗୁରୁବାର ବିଜେଡି ନେତାମାନଙ୍କ ଦ୍ୱାରା ଭାଜପାର କିଛି ନେତାଙ୍କୁ ନେଇ ଏହାର ସମାଧାନ ଲାଗି ଉଦ୍ୟମ କରାଯାଇଥିଲା । ହେଲେ ତାହା ସଫଳ ହୋଇ ନ ଥିଲା । ମିଳାମିଶା ଉଦ୍ୟମ ଘଟଣାକୁ ଶ୍ରୀଧରଙ୍କ ପରିବାର ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ମାଡ ମରାଯିବା ଘଟଣା ଜିଲାଠାରୁ ଆରମ୍ଭ କରି ରାଜ୍ୟ ଭାଜପା ନେତୃତ୍ୱଙ୍କ ପର୍ଯ୍ୟନ୍ତ ପହଞ୍ଚିଥିବା ଜଣାପଡିଛି । ଦଳ ପକ୍ଷରୁ ଏହାର କଡା ପ୍ରତିବାଦ ଜଣାଇବାକୁ ସଜବାଜ ହେଉଥିବା ଜଣାଯାଇଛି ।